ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/319/08-03-2024**

# ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର,୦୮/୦୩/୨୦୨୪:

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏକ ବୈଠକରେ କାର୍ଯ୍ୟାଳୟର ସମସ୍ତ ମହିଳା କର୍ମଚାରୀଙ୍କୁ 'ବୃକ୍ଷଚାରା' ଦିଆଯାଇ ସମ୍ମାନିତ କରାଯାଇଥିଲା । ମହିଳା ଦିବସ-୨୦୨୪ ପାଇଁ ରହିଥିବା ଥିମ୍ "Invest in Women: Accelerate Progress" ଉପରେ ନିଜ ନିଜର ବକ୍ତବ୍ୟ ରଖିବା ପାଇଁ ଶ୍ରୀ ଧଳ ସମସ୍ତ ମହିଳା କର୍ମଚାରୀଙ୍କୁ ପ୍ରେରିତ କରିଥିଲେ । ଏହା ସହ ଦେଶ ଗଠନରେ ମହିଳାମାନଙ୍କ ଭୂମିକା, ନିର୍ବାଚନ ପର୍ବରେ ମହିଳା ଭୋଟରଙ୍କ ପାଇଁ କରାଯାଉଥିବା ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ଉପରେ ଆଲୋଚନା କରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୁଚାରୁ ରୂପେ ନିଜ ନିଜର ଦାୟତ୍ୱ ନିର୍ବାହ କରୁଥିବାରୁ ସମସ୍ତ ମହିଳା କର୍ମଚାରୀଙ୍କୁ ଶ୍ରୀ ଧଳ ନିଜ ତରଫରୁ ଏବଂ ଅନୁଷ୍ଠାନ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାଏକ, ଶ୍ରୀ ଶତ୍ରୁଘ୍ନ କର ଓ ଶ୍ରୀ ମିହିର ମହାନ୍ତି ମଧ୍ୟ ଯୋଗଦେଇ ମହିଳା କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ